


# ପାଠ - ୬

# ଆବଦ୍ଧ ଚିତ୍ରର ପରିସୀମା

ରଜାକ୍, ବଣ୍ଟି ଓ ମାଇକେଲ୍ ତିନି ସାଙ୍ଗ । ବିଦ୍ୟାଳୟର ଘରକୁ ଫେରିବା ବାଟରେ ସେମାନେ ଆଲୋଚନା କରୁଛନ୍ତି ''ଲୋକମାନେ ସକାଳୁ ସକାଳୁ ଚାଲୁଛନ୍ତି କାହିଁକି ?'' ମାଇକେଲ୍ କହିଲା – ''ସକାଳୁ ଚାଲିଲେ ସ୍ୱାସ୍ଥ୍ୟ ଭଲ ରହେ ।'' ତିନି ସାଙ୍ଗ ଚିନ୍ତା କଲେ ସେମାନେ ପ୍ରତିଦିନ ନିଜ ନିଜ ଗାଁ ରାସ୍ତାରେ କିଛି ବାଟ ଚାଲିବେ । ବିଦ୍ୟାଳୟକୁ ଯିବାବେଳେ ବଣ୍ଟି କହିଲା– ''ମୁଁ ଆଜି ଏତେ ବାଟ ଚାଲିଲି ଯେ ମୋ ଗୋଡ଼ରେ କଷ୍ଟ ଅନୁଭବ କରୁଛି ।'' ରଜାକ ଓ ମାଇକେଲ୍ କହିଲେ– ''କାହିଁ, ଆମର କିଛି ହେଲାନି ତ !'' ବଣ୍ଟି କହିଲା– ''ତୁମେ କମ୍ ବାଟ ଚାଲିଥିବ । ଠିକ୍ ଅଛି, କାଲି ମାପ ଫିତା ଆଣି ମାପିବା କିଏ କେତେ ବାଟ ଚାଲୁଛି ।''

ସେମାନେ କିଏ କେତେ ବାଟ ଚାଲିଛନ୍ତି ନିମ୍ନରେ ଦିଆଯାଇଛି । କହିଲ ଦେଖି, କିଏ ଅଧିକ ବାଟ ଚାଲିଛି ?




ରଜାକ୍ ଚାଲିଥିବା ବାଟ = ୩୦୦ମି+୪୦୦ମି+୫୦୦ମି = ୧୨୦୦ମି.

ବଣ୍ଟି ଚାଲିଥିବା ବାଟ = ______________

ମାଇକେଲ୍ ଚାଲିଥିବା ବାଟ = ______________

କିଏ ଅଧିକ ବାଟ ଚାଲିଥିଲା ? ______________

କିଏ କିଏ ସମାନ ବାଟ ଚାଲିଥିଲେ ? ______________



ଆବଦ୍ଧଚିତ୍ରର ବାହୁମାନଙ୍କର ଦୈର୍ଘ୍ୟ ସମଷ୍ଟିକୁ ପରିସୀମା କୁହନ୍ତି

ରେଖାଖଣ୍ଡ ମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ପରିସୀମା ଏହାର ରେଖାଖଣ୍ଡ ମାନଙ୍କର ଦୈର୍ଘ୍ୟର ସମଷ୍ଟି ସହ ସମାନ ।

ପ୍ରତିଦିନ ସକାଳୁ ରଜାକ୍ ଗାଁ ରାସ୍ତାରେ ଚାଲୁଥିବାର ଦେଖି ମା' ଏହାର କାରଣ ପଚାରିଲେ । ରଜାକ୍ କହିଲା ''ଆମେ ଶୁଣିଛୁ, ସକାଳୁ ସକାଳୁ ଚାଲିଲେ ସ୍ୱାସ୍ଥ୍ୟ ଭଲ ରହେ ।'' ମା' କହିଲେ- ''ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଆଉ କ'ଣ କ'ଣ କହିବା ଉଚିତ୍ କୁହ ?''

ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ କ'ଣ କ'ଣ କରିବା ଉଚିତ୍ ଲେଖ :

___


___

___

ମାଇକେଲ୍ ପ୍ରତିଦିନ କ୍ଷୀର ଆଣିବା ପାଇଁ ଦୋକାନକୁ ଯାଏ । ମା' କହିଲେ- ''ତୁମେ ସକାଳୁ ଗାଁ ରାସ୍ତାରେ ଚାଲୁଛ, ପୁଣି ଥରେ ଦୋକାନକୁ କ୍ଷୀର ଆଣିବା ପାଇଁ ଯାଉଛ । ତେଣୁ ତୁମେ କେବଳ ଗାଁ ରାସ୍ତାରେ ନ ଚାଲି କ୍ଷୀର ଦୋକାନକୁ ଚାଲି ଚାଲି ଯାଇ ଆସିଲେ ଦୁଇଟା କାମ ଏକାଥରକେ ହୋଇଯିବ ।''

ବର୍ଷିର ମା' ମଧ୍ୟ ବର୍ଷିକୁ ସେହିପରି ଭାବରେ ଯାଇ ପାଉଁରୁଟି ଆଣିବା ପାଇଁ କହିଲେ ।

ତିନି ସାଙ୍ଗ ସ୍ଥିର କଲେ ସମସ୍ତେ ନିଜ ନିଜ ଘରୁ ବାହାରି କ୍ଷୀର ଦୋକାନରେ ଭେଟିବେ । ତା'ପରେ ସାଙ୍ଗ ହୋଇ ପାଉଁରୁଟି ଦୋକାନକୁ ଯିବେ ଓ ପୁଣି ନିଜ ନିଜ ଘରକୁ ଫେରିବେ । ସେମାନଙ୍କ ଯିବା ବାଟକୁ ଚିତ୍ରରେ ଦର୍ଶାଯାଇଛି ।




କିଏ ଅଧିକ ବାଟ ଚାଲିଲା ହିସାବ କର ।

ବର୍ଣ୍ଣି ଯାଇଥିବା ବାଟର ଦୂରତା = __________

ରଜାକ୍ ଯାଇଥିବା ବାଟର ଦୂରତା = __________

ମାଇକେଲ୍ ଯାଇଥିବା ବାଟର ଦୂରତା = __________

କଖଗ ତ୍ରିଭୁଜର ପରିସୀମା କେତେ ? __________

ଖଗଚ ତ୍ରିଭୁଜର ପରିସୀମା କେତେ ? __________

ଖଗଛ ତ୍ରିଭୁଜର ପରିସୀମା କେତେ ? __________

କେଉଁ ତ୍ରିଭୁଜର ପରିସୀମା ଅଧିକ ? __________



ଜାଣିଛ କି ? ତ୍ରିଭୁଜର ତିନି ବାହୁର ଦୈର୍ଘ୍ୟର ସମଷ୍ଟିକୁ ତା'ର ପରିସୀମା କୁହାଯାଏ

**ତୁମ ପାଇଁ କାମ**



ନିମ୍ନରେ ଦିଆଯାଇଥିବା ଗ୍ରାଫ୍ କାଗଜରେ ଚାରୋଟି ଲେଖାଏଁ ବିନ୍ଦୁ ନେଇ ଆୟତଚିତ୍ର ଓ ବର୍ଗଚିତ୍ର ଅଙ୍କନ କରି ପ୍ରତ୍ୟେକର ପରିସୀମା ନିର୍ଣ୍ଣୟ କର ।

ରବିବାର ଛୁଟିଦିନ । ତିନି ସାଙ୍ଗ ସ୍ଥିର କଲେ ସେମାନଙ୍କର ବଗିଚା ହୁଡ଼ାରେ ବାଡ଼ ଦେବେ । ସମସ୍ତେ ନିଜ ନିଜର ବାପାଙ୍କୁ କହିଲେ ଓ ବାପା ଲୋକ ଲଗାଇ ବାଡ଼ ଦେଲେ । କାହାର ବାଡ଼ର ଲମ୍ବ ଅଧିକ ହେଲା ସ୍ଥିର କର ।




ରଜାକ୍‌ର ବଗିଚା




ବର୍ଣ୍ଣିର ବଗିଚା




ମାଇକେଲ୍‌ର ବଗିଚା

ରଜାକ୍‌ର ବଗିଚାର ବାଡ଼ର ଲମ୍ବ = କଖ ବାହୁ + ଖଗ ବାହୁ + ଗଘ ବାହୁ + ଘକ ବାହୁ

= ୩୦ ମି + ୨୦ମି + ୩୫ମି + ୨୫ମି


= ୧୧୦ମି.

ବଣ୍ଟି ବଗିଚାର ବାଡ଼ର ଲମ୍ବ = ______________

ମାଇକେଲ ବଗିଚାର ବାଡ଼ର ଲମ୍ବ = ______________

## ଅଭ୍ୟାସ

୧. ରାମ ତା'ର ଖାତାରେ ଏହି ଭଳି ଚିତ୍ରଟିଏ କରିଥିଲା । ତୁମେ ତୁମ ଖାତାରେ ଏହିଭଳି ଚିତ୍ରଟିଏ କର । ଚିତ୍ରର ନାମ ଦିଅ ଓ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।




(କ) କଖଗଘ ଚିତ୍ରଟି କି ପ୍ରକାର ଚିତ୍ର ?


(ଖ) ଏହି ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?

(ଗ) କଖଘ ତ୍ରିଭୁଜର ପରିସୀମା ଜାଣିବା ପାଇଁ ତା'ର କେଉଁ କେଉଁ ବାହୁର ଦୈର୍ଘ୍ୟକୁ ମାପିବା ?

(ଘ) ଖଗଘ ତ୍ରିଭୁଜର ପରିସୀମା ଜାଣିବା ପାଇଁ କେଉଁ କେଉଁ ବାହୁର ଦୈର୍ଘ୍ୟକୁ ମାପ କରିବା ?

(ଙ) କଖଗଘ ଚତୁର୍ଭୁଜର ପରିସୀମା ଜାଣିବା ପାଇଁ ଆମେ କେଉଁ କେଉଁ ବାହୁର ଦୈର୍ଘ୍ୟ ମାପ କରିବା ।

୨. ଏହିଭଳି ଚିତ୍ରଟିଏ ଆଙ୍କିବା ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।



'କଠଘ' ତ୍ରିଭୁଜର ପରିସୀମା = କଠ ବାହୁର ଦୈର୍ଘ୍ୟ + କଘ ବାହୁର ଦୈର୍ଘ୍ୟ + ଘ ଠ ବାହୁର ଦୈର୍ଘ୍ୟ

= ____ ସେ.ମି. + ____ ସେ.ମି. + ____ ସେ.ମି. = ____ ସେ.ମି.

'କଠଖ' ତ୍ରିଭୁଜର ପରିସୀମା = କଠ ର ଦୈର୍ଘ୍ୟ + କଖର ଦୈର୍ଘ୍ୟ + ଖଠ ର ଦୈର୍ଘ୍ୟ

= ____ ସେ.ମି. + ____ ସେ.ମି. + ____ ସେ.ମି. = ____ ସେ.ମି.

'ଗଠଘ' ତ୍ରିଭୁଜର ପରିସୀମା = ଗଠ ର ଦୈର୍ଘ୍ୟ + ଘଠ ର ଦୈର୍ଘ୍ୟ + ଗଘ ର ଦୈର୍ଘ୍ୟ

= ____ ସେ.ମି. + ____ ସେ.ମି. + ____ ସେ.ମି.

= ____ ସେ.ମି.

'ଖଗଠ' ତ୍ରିଭୁଜର ପରିସୀମା = ଖଗ ର ଦୈର୍ଘ୍ୟ + ଗଠ ର ଦୈର୍ଘ୍ୟ + ଖଠ ର ଦୈର୍ଘ୍ୟ

= ____ ସେ.ମି. + ____ ସେ.ମି. + ____ ସେ.ମି. = ____ ସେ.ମି.

ସେହିପରି

'କଖଘ' ତ୍ରିଭୁଜର ପରିସୀମା = ...................................... ସେ.ମି.

'ଖଗଘ' ତ୍ରିଭୁଜର ପରିସୀମା = ...................................... ସେ.ମି.


'କଗଘ' ତ୍ରିଭୁଜର ପରିସୀମା = ...................................... ସେ.ମି.

'କଖଗ' ତ୍ରିଭୁଜର ପରିସୀମା = ...................................... ସେ.ମି.

'କଖଗଘ' ଚତୁର୍ଭୁଜର ପରିସୀମା = ...................................... ସେ.ମି.

୩. ପ୍ରତ୍ୟେକ କ୍ଷେତ୍ରର ବାହୁମାନଙ୍କର ଦୈର୍ଘ୍ୟମାପି ସେଗୁଡ଼ିକର ପରିସୀମା ସେ.ମି. ଏକକରେ ପ୍ରକାଶ କର ଓ ଚିତ୍ର ତଳେ ଲେଖ ।

(କ)




(ଖ)

